**ସଂକ୍ଷେପରେ**

## ୟୁନିଫର୍ମ ବଣ୍ଟନରେ ବିଳମ୍ବ, ବଢୁଛି ଅସନ୍ତୋଷ

ବରୀ,୬।୧୨(ମହେନ୍ଦ୍ର ସ୍ୱାଇଁ):

ବରୀ ଶିକ୍ଷା ମଣ୍ଡଳ ଅଧୀନ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନରେ ବିଳମ୍ବ ହେଉଛି। ଫଳରେ ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଶିକ୍ଷା ମଣ୍ଡଳ ଅଧୀନରେ ମୋଟ ୧୮୨ ବିଦ୍ୟାଳୟର ଛାତ୍ରୀଛାତ୍ର ପୋଷାକ ପାଇବାର ହକଦାର ଥିଲେ ମଧ୍ୟ ଶୁକ୍ରବାର ସୁଦ୍ଧା ୭୦ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି ବୋଲି ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଜଳଧର ଖଟୁଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପୋଷାକ କିଣା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଇଛି। ମାତ୍ର ସେମାନେ ସରକାରଙ୍କ ଧାର୍ଯ୍ୟ ଦର୍‌ଠାରୁ କମ ମୂଲ୍ୟରେ ପୋଷାକ କିଣି ଛାତ୍ରୀଛାତ୍ରଙ୍କୁ ଦେଉଥିବାରୁ ବହୁ ଅଭିଭାବକ ଏହାକୁ ବିରୋଧ କରୁଛନ୍ତି। ଉଦାହରଣ ସ୍ୱରୂପ ଈଶାଣେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦୭ ଛାତ୍ର ଓ ୯୦ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ବଣ୍ଟନ କରିବାକୁ ଯିବାବେଳେ ବହୁ ଅଭିଭାବକ ଓ ଗ୍ରାମବାସୀ ସେମାନଙ୍କୁ ଫେରାଇ ଦେଇଛନ୍ତି। ଏପରି କି ପୋଷାକ ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି କେତେଜଣ ଅଭିଭାବକ ଅଭିଯୋଗ କରିବା ସହ ଏହାର ତଦନ୍ତ କରିଛନ୍ତି।

## ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

ଧର୍ମଶାଳା,୬।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ସୁନ୍ଦୁରିଆ ଗ୍ରାମରେ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଭିମରାଓ ଅମ୍ବେଡେକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଆମ୍ବେଦକର ଦଳିତ ପରିବାରରେ ଜନ୍ମହୋଇ ମଧ୍ୟ ସେ ବିଦେଶରେ ଉଚ୍ଚଶିକ୍ଷା ଲାଭ କରି ଜଣେ ରାଜନୀତି ବିଶାରଦ ଭାବେ ପରିଗଣିତ ହୋଇଥିଲେ। ସ୍ୱାଧୀନ ଦେଶ ପାଇଁ ସେ ସମ୍ବିଧାନ ଲେଖିଥିଲେ। ସେ ଦଳିତମାନଙ୍କ ପାଇଁ ସମ୍ବିଧାନରେ କୋଟା ବ୍ୟବସ୍ଥା ଲାଗୁ କରିବା ସହ ଭାରତରେ ରହୁଥିବା ସବୁ ବର୍ଗ, ଜାତି ଓ ସମ୍ପ୍ରଦାୟ ଏକ ହୋଇ ଚଳିବାକୁ ପରାମର୍ଶ ଦେଉଥିଲେ। ସେହି ମହାନ ଆତ୍ମାର ସଦଗତି କାମନା କରି ଧର୍ମଶାଳା ଅନୁସୂଚିତ ଜନଜାତି ଓ ଉପଜାତି ସଂଘ ପକ୍ଷରୁ ତାଙ୍କର ମହାପ୍ରୟାଣ ଦିବସକୁ ମହାପରି ନିର୍ବାଣ ଦିବସ ରୂପେ ପାଳନ କରାଯାଇଛି। ସରୋଜ ମଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କାଳନ୍ଦୀ ମଲିକ ଓ ସମ୍ମାନିତ ଅତିଥି ଭାବେ ହୃଷୀକେଶ ଜେନା ଯୋଗଦେଇ ବାବା ସାହେବଙ୍କ ବିଚାର ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ବିକାଶ କୁମାର ମଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ତୋଫାନ ମଲିକ ଅତିଥିପରିଚୟ ପ୍ରଦାନ କରିଥିଲେ। ଯୁବ ସଙ୍ଗଠକ ବିଜୟ କୁମାର ବେହେରା ବାବା ସାହେବ ଦଳିତମାନଙ୍କର ଭଗବାନ ସଦୃଶ ଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଚିନ୍ମୟ ମଲିକ, ସସ୍ମିତା ମଲିକ, ତପନ ମଲିକ, ମଞ୍ଜୁଲତା ମଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଲଘୁ ଖଣିଜ ଲୁଟକୁ ନିୟନ୍ତ୍ରଣ କରିବ ସ୍ୱତନ୍ତ୍ର ସ୍କ୍ୱାଡ୍

- ସବ୍‌ଡିଭିଜନାଲ, ତହସିଲସ୍ତରୀୟ କମିଟି ଗଠିତ
- ଖଣି ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି
- ପୂର୍ବର ପଦକ୍ଷେପ ଫେଲ୍ ମାରିଛି

ଯାଜପୁର,୬।୧୨(ହର୍ଷବର୍ଦ୍ଧନ ବେହେରା)



ଆରୁହା ପାହାଡ଼ରୁ ଲୁଟ୍ ହୋଇଥିବା ମାଟି, ମୋରମ୍।

ରାଜ୍ୟରେ ଥିବା ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କାରବାରକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାରଙ୍କ ଷ୍ଟିଲ ଏବଂ ମାଇନ୍ସ ବିଭାଗ ପକ୍ଷରୁ ସବ୍‌ଡିଭିଜନାଲ ଏବଂ ତହସିଲସ୍ତରୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟି ବେଆଇନ ଖାଦାନଗୁଡ଼ିକ ଉପରେ ଚଢ଼ାଉ, ସମୀକ୍ଷା ଇତ୍ୟାଦି ପଦକ୍ଷେପ ନେଇ ମାସକୁ ଥରେ ଜିଲାସ୍ତରୀୟ ଟାସ୍କଫୋର୍ସ ଏବଂ ଲଘୁ ଖଣି ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବେ ବୋଲି ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ୪।୧୨।୨୦୨୪ରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ସବ୍‌ଡିଭିଜନାଲ କମିଟିରେ ଉପଜିଲାପାଳ ଅଧ୍ୟକ୍ଷ ରହିଥିବାବେଳେ ଏସ୍‌ଡିପିଓ, ଏସିଏଫ୍/ରେଞ୍ଜ ଅଫିସର, ତହସିଲଦାର, ଥାନାଧିକାରୀ ସଦସ୍ୟ ରହିଛନ୍ତି। ମାଇନିଂ ଅଫିସର ଆବାହକ ସଭ୍ୟ ରହିଛନ୍ତି। ସେହିପରି ତହସିଲ ସ୍ତରୀୟ କମିଟିରେ ତହସିଲଦାର ଅଧ୍ୟକ୍ଷ ରହିଥିବାବେଳେ ଥାନାଧିକାରୀ ଓ ରେଞ୍ଜ ଅଫିସର ସଭ୍ୟ ଏବଂ ମାଇନିଂ ଅଫିସର ଆବାହକ ସଦସ୍ୟ ରହିଛନ୍ତି। ପୂର୍ବରୁ ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାରକୁ ନିୟନ୍ତ୍ରଣ କରିବାକୁ ଯାଜପୁର ଜିଲାରେ ଏକ ସଶସ୍ତ୍ର ସୁରକ୍ଷା ବାହିନୀ (ଆର୍ମଡ୍ ଷ୍ଟ୍ରାଇକିଂ ଫୋର୍ସ) ଗଠନ ହୋଇଥିଲା। ଏହି ସ୍ୱତନ୍ତ୍ର ଦଳ ବେଆଇନ ଲଘୁ ଖଣିଜ ସମ୍ପଦର ଚୋରା କାରବାର ଓ ପରିବହନକୁ ନିୟନ୍ତ୍ରଣ କରିବାକୁ ରାଜସ୍ୱ ଅଧିକାରୀମାନଙ୍କୁ ସହଯୋଗ କରିବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଯାଜପୁର ଜିଲାର ବିଶେଷକରି ଯାଜପୁର, ଧର୍ମଶାଳା, ଦର୍ପଣ, ଦାନଗଦି ଓ ବ୍ୟାସନଗର ତହସିଲ ଅଞ୍ଚଳରେ କଳାପଥର, ବାଲି, ମୋରମ, ମାଙ୍କଡାପଥର ଚୋରାକାରବାର ସମେତ ବେଆଇନ କ୍ରଶର ଉପରେ ପଦକ୍ଷେପ ନେବାକୁ ପୂର୍ବରୁ ଅନେକ ଟାସ୍କଫୋର୍ସ ଗଠନ ହୋଇଥିଲେ ହେଁ ତାହା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ବାଡ଼ ଫସଲ ଖାଇବା ସଦୃଶ କେତେଜଣ ଅଧିକାରୀ ଓ କର୍ମଚାରୀ ମାଫିଆଙ୍କ ସହ ହାତମିଳାଇ ଲଘୁ ଖଣିଜ ସମ୍ପଦ ଲୁଟ କାରବାରରେ ସହଯୋଗ କରି ଆସୁଛନ୍ତି। ଏବେ ବି ବରଡ଼ା, ଆରୁହା, ବାଜବାଟି, ଡଙ୍କାରୀ ପ୍ରଭୃତି ପାହାଡ଼ରୁ ବେଆଇନ କଳାପଥର ଓ ମୋରମ ଚାଲାଣ ନିୟନ୍ତ୍ରଣ ହୋଇପାରିନାହିଁ। ବୈତରଣୀ, ବ୍ରାହ୍ମଣୀ ନଦୀର କେତେକ ବାଲିଘାଟରୁ ବିନା ଅନୁମତିରେ ବାଲି ଉତ୍ତୋଳନ ହେଉଛି। ଏହି କ୍ରମରେ ଷ୍ଟିଲ ଓ ମାଇନ୍ସ ବିଭାଗ ଦ୍ୱାରା ଗଠିତ ଏହି ନୂତନ କମିଟି କେତେଦୂର ଲଘୁ ଖଣିଜ ସମ୍ପଦର ସୁରକ୍ଷାରେ ସହଯୋଗ କରିପାରୁଛନ୍ତି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

୨୦୧୮ ଡିସେମ୍ବରରେ ତତ୍କାଳୀନ ରାଜସ୍ୱ ସଚିବ ପ୍ରତି ଜିଲାରେ ଜିଲାପାଳ ଓ ଏସ୍‌ପିଙ୍କୁ ନେଇ ଟାସ୍କଫୋର୍ସ ଗଠନ କରି ଲଘୁ ଖଣିଜ ଦ୍ରବ୍ୟ ଲୁଟ କାରବାର ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଯାଜପୁର ଜିଲାପାଳ ଓ ଏସ୍‌ପି ସେତେବେଳେ ତତ୍ପରତା ପ୍ରକାଶ କରିଥିଲେ। ରାତିଅଧିଆ ବାଲିଘାଟ ଓ ସଇରାତ ଅଞ୍ଚଳ ଗସ୍ତକରି ଚଢ଼ାଉ କରିଥିଲେ। ମାତ୍ର ଦର୍ପଣ ଓ ଧର୍ମଶାଳା ତହସିଲ ଅଞ୍ଚଳରେ କ୍ରମେ ପୂର୍ବପରି ଲୁଟ୍ କାରବାର ଜୋର ଧରିଥିଲା। ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ମଧ୍ୟ ଏକାଧିକ ଟାସ୍କଫୋର୍ସ ଗଠନ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ୨।୬।୨୦୨୧ରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବେଆଇନ ଭାବେ ଚାଲିଥିବା କ୍ରଶରଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନୁମତିପ୍ରାପ୍ତ କ୍ରଶରଗୁଡ଼ିକରେ ସିସିଟିଭି କ୍ୟାମେରା ସମେତ ଏକ ରେଜିଷ୍ଟର ବ୍ୟବହାର କରାଯିବାକୁ ନିର୍ଦ୍ଦେଶ ହୋଇଥିଲା। ତଦନୁଯାୟୀ କ୍ରଶର ମଧ୍ୟକୁ ଆସୁଥିବା କଞ୍ଚାମାଲ ଓ ପରିବହନ ହେଉଥିବା ସାମଗ୍ରୀର ସବିଶେଷ ତଥ୍ୟ ରଖାଯିବା ଏବଂ ପ୍ରତି ୧୫ ଦିନରେ ତହସିଲଦାର ଉକ୍ତ ରେଜିଷ୍ଟର ଓ ସିସିଟିଭି ଫୁଟେଜ୍ ଯାଞ୍ଚ କରି ରିପୋର୍ଟ ଦେବା ବ୍ୟବସ୍ଥା ହୋଇଥିଲା। ରେଜିଷ୍ଟର ଓ ସିସିଟିଭି ଫୁଟେଜ୍‌ରେ ଯଦି କୌଣସି ଅମେଳ ହେବ ତେବେ ସମ୍ପୃକ୍ତ କ୍ରଶର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ହୋଇଥିଲା। ଏଭଳି ୧୦ଦଫା ନିର୍ଦ୍ଦେଶ ଜାରି କରି ଲଘୁ ଖଣିଜ ଦ୍ରବ୍ୟ କାରବାରକୁ ସୁବ୍ୟବସ୍ଥିତ କରିବାକୁ ଜିଲାପାଳ ପଦକ୍ଷେପ ଗ୍ରହଣ କରିଥିଲେ। ଏହାସହ ବେଆଇନ କାରବାରକୁ ରୋକିବାକୁ ଉପଜିଲାପାଳ, ତହସିଲଦାର ଧର୍ମଶାଳା ଓ ଦର୍ପଣ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଡିଡିଏମ୍ ଯାଜପୁର ରୋଡ୍, ଡାଲିଯୋଡ଼ା ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହ ଧର୍ମଶାଳା, ଜେନାପୁର ଓ ବଡଚଣା ଥାନାଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଗଠନ ହୋଇଥିଲା। ହେଲେ ସେଥିରୁ କେତେଜଣ ଅଧିକାରୀ କଳାପଥର ମାଫିଆଙ୍କ ସହ ମିଶି ଅସାଧୁ ଉପାୟରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କରି ଚାଲିଛନ୍ତି। ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ କହିଛନ୍ତି, ଆଇନ ଅନୁସାରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ବେଆଇନ ଲଘୁ ଖଣିଜ ଲୁଟ୍ ନିୟନ୍ତ୍ରଣ ଦିଗରେ ବିଭାଗ ଇତିମଧ୍ୟରେ ବେଶ ସଫଳତା ପାଇଛି।



ଧର୍ମଶାଳା ବ୍ଲକ୍ ଥାନୁଆଳ ପଞ୍ଚାୟତ ମୁରାରିପୁର ଅନନ୍ତଗୋପାଳ ହାଇସ୍କୁଲର ପାଚେରିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି।

## ହାଇସ୍କୁଲ ପାଚେରି ଭାଙ୍ଗିଦେଲେ ଦୁର୍ବୃତ୍ତ

ଧର୍ମଶାଳା,୬।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ମୁରାରିପୁର ଗ୍ରାମରେ ଥିବା ଅନନ୍ତଗୋପାଳ ହାଇସ୍କୁଲର ପାଚେରିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଏହି ଘଟଣା ଜଣାପଡିବା ପରେ ପ୍ରଧାନଶିକ୍ଷକ ରମେଶ ସେଠୀ ସ୍କୁଲ ପରିଚାଳନା କମିଟିକୁ ଅବଗତ କରାଇଛନ୍ତି। ଶନିବାର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକର ସିଦ୍ଧାନ୍ତ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ସିଂହପୁର,୬।୧୨(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ କଣଛନ୍ଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜକିଶୋର ଦାସଙ୍କ ୭୪ ବର୍ଷ ବୟସରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଗୁରୁବାର ପରଲୋକ ହୋଇଯାଇଛି। ସେ କଣଛନ୍ଦା ମଇ ସ୍କୁଲରେ ପ୍ରଧାନଶିକ୍ଷକ ସହ ଓଲେଇ ଚନ୍ଦନପୁର ହାଇସ୍କୁଲର ପ୍ରତିଷ୍ଠାତା ସଭ୍ୟଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ଗ୍ରାମରେ ତାଙ୍କର ଅନ୍ତିମ ସତ୍କାର କରଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସାମାଜିକ କର୍ମୀ ଶିଶିର ନାୟକ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକ, ଅନିରୁଦ୍ଧ ବେଉରିଆ, ଗୋଲଖ ବିହାରୀ ଦାସ, ନିରଞ୍ଜନ ଦାସ, ପ୍ରଦୀପ ଜେନା, ସୁବାସ ଚନ୍ଦ୍ର ପ୍ରଧାନ, କାଳନ୍ଦୀ ସାମଲ, ବିଜୟ ସାମଲ, ଆଲୋକ ଦାସ ଓ ବଂଶୀଧର ବେହେରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଯୋଗଗୁରୁଙ୍କୁ 'ମହର୍ଷି ପତଞ୍ଜଳି ଯୋଗରତ୍ନ' ସମ୍ମାନ



ରସୁଲପୁର,୬।୧୨(ରଞ୍ଜିତ ରାଉତ):

ରାଜ୍ୟ ଯୋଗ ଚିକିତ୍ସକ ସଂଘ ସଭାପତି ଡ. ବନମାଳୀ ରଥଙ୍କୁ 'ମହର୍ଷି ପତଞ୍ଜଳି ଯୋଗରତ୍ନ'ଉପାଧିରେ ସମ୍ମାନିତ କରାଯାଇଛି। ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଅଞ୍ଚଳରେ ସେ ଯୋଗ ଶିକ୍ଷାକେନ୍ଦ୍ର ଖୋଲିଛନ୍ତି। ଏଠାରେ ସେ ପ୍ରଥମରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ଜିଲାକୁ ଗସ୍ତ କରି ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଯୋଗ ଜରିଆରେ ବିଭିନ୍ନ ରୋଗର ସରଳ ଚିକିତ୍ସା କରାଇବା ଦିଗରେ ତାଙ୍କର ଅନବରତ ପ୍ରୟାସ ଓ ଅନନ୍ୟ ଅବଦାନ ଯୋଗୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଅଖିଳ ଭାରତୀୟ ଯୋଗ ଶିକ୍ଷକ ମହାସଂଘ ତରଫରୁ ନୂଆଦିଲ୍ଲୀସ୍ଥିତ ଭାରତର ସମ୍ବିଧାନ କ୍ଲବ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ମିଳିଛି। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଯୋଗ ଶିକ୍ଷକ ମହାସଂଘ ସଭାପତି ଯୋଗଗୁରୁ ମଙ୍ଗେଶ୍ ତ୍ରିବେଦୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ରାଜର୍ଷୀ ଦେବମୂର୍ତ୍ତି ଆଚାର୍ଯ୍ୟ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ୱାମୀ ଅମିତ ଦେବଜୀ, କାଶିପୀଠର ପଓନ ଦତ୍ତମିଶ୍ର ମହାରାଜଜୀ, ଭାରତୀୟ ଯୋଗ ସଂଘର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ. ଏସପି ମିଶ୍ର, କାରିଗିଲ ଯୁଦ୍ଧର ଯୋଦ୍ଧା କ୍ୟାପ୍ଟେନ ଅଖିଳେସ ସାକ୍ସେନା, ଜିଲା ପଞ୍ଚାୟତ ସଦସ୍ୟ ପଲ୍ଲିଭିତ୍‌ର ନିଖିଲ ପଟ୍ଟନାୟକ, ଯୋଗ ଚିକିତ୍ସକ ପ୍ରୋଗ୍ରାମ ଅଧିକାରୀ ଡ. ଈଶ୍ୱର ଏଲ. ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଯୋଗର ଉପକାରିତା ଓ ପ୍ରତ୍ୟେକ ମାନବର ଦୈନନ୍ଦିନ ଜୀବନରେ କେତେ ଉପଯୋଗୀ ସେ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ଦେଶରେ ନିଷ୍ଠାପର ଭାବରେ ଯୋଗର ବ୍ୟବହାରିକତାକୁ ନେଇ କାର୍ଯ୍ୟକରୁଥିବା ଯୋଗଗୁରୁ, ଯୋଗାଚାର୍ଯ୍ୟଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଉକ୍ତ ସମ୍ମାନକୁ ନେଇ ଯୋଗଗୁରୁ ଡ. ରଥ ଖୁସିବ୍ୟକ୍ତ କରିଛନ୍ତି।

## ବୀର ଯବାନଙ୍କୁ ଜନ୍ମମାଟିରେ ସ୍ୱାଗତ ସମ୍ମାନ

ରସୁଲପୁର,୬।୧୨(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଷ୍ଟରା ଗ୍ରାମରେ ବୀର ଯବାନ ଅରବିନ୍ଦ ପୃଷ୍ଟିଙ୍କୁ ସ୍ୱାଗତ ସମ୍ମାନ ପ୍ରଦାନ କରାଯାଇଛି। ପୃଷ୍ଟି ଚାକିରିରୁ ଅବସର ଗ୍ରହଣ କରିବା ପରେ ଜନ୍ମ ମାଟିକୁ ଫେରିଛନ୍ତି। ସେ ଗାଁକୁ ଫେରି ଆସୁଥିବା ଖବର ଜାଣି ଗ୍ରାମର ଯୁବକମାନଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ନେଇ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଯୁବକମାନେ ଏକତ୍ରିତ ହୋଇ ବୀର ଯବାନଙ୍କୁ ବିଭିନ୍ନ ଗାଁ ପରିକ୍ରମା କରିବା ସହ ବାଜା, ବାଣ, ଶୋଭାଯାତ୍ରାରେ ଗାଁ ଦାଣ୍ଡରେ କୋଳାହଳ ସୃଷ୍ଟି ହୋଇଥିଲା। ବିଭିନ୍ନ ସ୍ଥାନରେ ଗାଁ ଲୋକେ ବୀର ଯବାନଙ୍କୁ ପୁଷ୍ପଗୁଚ୍ଛ, ହୁଳହୁଳି ଦେଇ ସମ୍ମାନ ଜଣାଇଥିଲେ।



ଯବାନ ଅରବିନ୍ଦ ପୃଷ୍ଟିଙ୍କୁ ସ୍ୱାଗତ ସମ୍ମାନ ପ୍ରଦାନ କରାଯାଉଛି।

ଭାରତୀୟସ୍ଥଳ ସେନାବାହିନୀରେ ଯୋଗଦେଇ ଦେଶ ମାତୃକା ପାଇଁ ଜୀବନକୁ ଉତ୍ସର୍ଗ କରି ଦେଶବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବାର ବାହାଦୂରୀ ଦେଖାଇଛନ୍ତି। ଏପରି କି ଭାରତର ଜାମୁ ଭଳି ଏକ ବିପଦପୂର୍ଣ୍ଣ ଅଞ୍ଚଳରେ ପଦାଦିକ ସେନା ବାହିନୀରେ ଯୋଗଦେଇ କାର୍ଯ୍ୟ କରୁଥିଲେ। ତାଙ୍କର ବୀରତ୍ୱ, ପରାକ୍ରମର କଥା ଓ ଗାଥାକୁ ନେଇ ସେ ସାଧାରଣ ଲୋକଙ୍କ ପାଖରେ ପ୍ରଶଂସିତ ହୋଇପାରିଥିଲେ। ସୈନ୍ୟ ବାହିନୀରୁ ଅବସର ନେବା ପରେ ସେ ଏବେକ ନିଜକୁ ଗାଁ ଲୋକଙ୍କ ସେବା କାର୍ଯ୍ୟରେ ନିୟୋଜିତ କରିବେ ବୋଲି ପ୍ରକାଶ କରିଛନ୍ତି।

## ଯୁବ ଭାରତ କୃଷକ ସଂଘ ସେବାକେନ୍ଦ୍ର ଉଦ୍‌ଘାଟିତ




କୃଷକ ସଂଘ ସେବାକେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ରସୁଲପୁର,୬।୧୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରସ୍ଥିତ କାର୍ଯ୍ୟାଳୟଠାରେ ଯୁବ ଭାରତ ସଂଘର ଏକ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ କଟକ ଜିଲା ଯୁବକ ଭାରତ କୃଷକ ସଂଗଠନର ଉପଦେଷ୍ଟା ସ୍ନେହଲତା ଖୁଣ୍ଟିଆଙ୍କ ସ୍ମୃତିଚାରଣ କରାଯାଇଥିଲା। ସଂଗଠନର ବ୍ଲକ ସଭାପତି ବଟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ସଂଘ ଉପସଭାପତି ଭାଗିରଥି ଜେନା, ସାଧାରଣ ସମ୍ପାଦକ ଦେବବ୍ରତ ରାଉତ, ସଂଗଠନ ସମ୍ପାଦକ ସରୋଜ କୁମାର ସାହୁ, ନିତ୍ୟାନନ୍ଦ ପାତ୍ର ଓ ନାରାୟଣ ସାମଲ ପ୍ରମୁଖ ଯୋଗଦେଇ ଖୁଣ୍ଟିଆଙ୍କ ସାଂଗଠନିକ ଦକ୍ଷତା ବିଷୟରେ କହିଥିଲେ। ତାଙ୍କ ବିୟୋଗରେ ସଂଗଠନକୁ ବହୁ କ୍ଷତି ପହଞ୍ଚିଛି ବୋଲି ମତ ପ୍ରକାଶ ପାଇଥିଲା। ଏଥିସହିତ ସେବାକେନ୍ଦ୍ର ଆଭିମୁଖ୍ୟ ଓ କାର୍ଯ୍ୟକାରୀତା ସମ୍ପର୍କରେ ସୂଚନା ପ୍ରଦନା କରାଯାଇଥିଲା। ସଂଗଠନ ବିଭିନ୍ନ ସମୟରେ କୃଷକଙ୍କ ସମସ୍ୟାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି। ତଦ୍‌ନୁଯାୟୀ ସରକାରୀସ୍ତରରେ କେତେକ ଫଳପ୍ରଦ ପଦକ୍ଷେପ ନିଆଯାଉଛି। ଏବେ ବି କୃଷକ ଅବହେଳିତ ହୋଇ ରହିଛନ୍ତି। ଦେଶରେ କୃଷକଙ୍କ ସମସ୍ୟାରେ ସୁଧାର ନ ଆସିପାରିଲେ ସମାଜରେ ବିକାଶ ହୋଇପାରିବ ନାହିଁ ବୋଲି ସଂଗଠନର କାର୍ଯ୍ୟକର୍ତ୍ତା ମତ ଦେଇଥିଲେ। ଏହାଛଡ଼ା କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ଆସନ୍ତା ଦିନଗୁଡ଼ିକରେ କୃଷକମାନଙ୍କ ସ୍ୱାର୍ଥ ପାଇଁ ସ୍ଥିର କରାଯାଇଥିବା କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଟାଟା ଷ୍ଟିଲ୍ ପକ୍ଷରୁ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ

କାଳିଆପାଣି,୬।୧୨(ଅସିତ ମହାନ୍ତ):




ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଉଛି।

ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ କରାଯାଇଛି। ଏନେଇ ଜୟପୁର ଫୁଟ ଅର୍ଗାନାଇଜେସନ ସହଯୋଗରେ ଶୁକ୍ରବାର ଟାଟାଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣି କଲୋନୀ ପରିସରରେ ଥିବା ସବଳ କେନ୍ଦ୍ରରେ ଏକ ତିନି ଦିନିଆ କୃତ୍ରିମ ଅଙ୍ଗ ବିତରଣ ଶିବିର ଆୟୋଜିତ ହୋଇଥିଲା। ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସୁକିନ୍ଦା, ବ୍ରାହ୍ମଣୀପାଳ କଳିଙ୍ଗନଗର ଓ ମେରାମଣ୍ଡଳୀର ୩୮ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ସହାୟତା ଉପକରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟାଟାଷ୍ଟିଲ ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ(ଏଫ୍‌ଏଏମ୍‌ଡି)ର ଏକଜିକ୍ୟୁଟିଭ୍ ଇନଚାର୍ଜ ପଙ୍କଜ ସତିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, 'ଭିନ୍ନକ୍ଷମମାନେ ଅନ୍ୟ ଉପରେ ବୋଝ ନା ହୋଇ ନିଜେ କିପରି ସୁସ୍ଥ ଜୀବନଯାପନ କରିପାରିବେ ସେଥିପାଇଁ ଆମ ତରଫରୁ ଏହା ଏକ ଛୋଟ ପ୍ରୟାସ। ଏହି କୃତ୍ରିମ ଅଙ୍ଗ ଯୋଗେ ଦିବ୍ୟାଙ୍ଗମାନେ ସୁବିଧାରେ ଚଳପ୍ରଚଳ କରିବା ସହ ସେମାନଙ୍କ ଆତ୍ମସମ୍ମାନ ଫେରିପାଇବେ। ଏହି ପଦକ୍ଷେପ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ଜୀବିକା ନିର୍ବାହ ଓ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ଏକ ସମାବେଶୀ ସମାଜ ଗଠନ ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିପାରିଛି ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ(ଏଫଏଏମଡି) ଖଣି ମୁଖ୍ୟ ଶମ୍ଭୁନାଥ ଝା, କମର୍ଦ୍ଧା ଓ ସାରୁଆବିଲ ଖଣି ମୁଖ୍ୟ ନବୀନ ଶ୍ରୀବାସ୍ତବ, ଏଫ୍‌ଏଏମ୍‌ଡି ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲ ଫାଉଣ୍ଡେଶନ ସୁକିନ୍ଦା ମୁଖ୍ୟ ଡା. ଜୟନ୍ତ କୁମାର ତ୍ରିପାଠୀ, କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସବଳ କେନ୍ଦ୍ରର ପ୍ରୋଗ୍ରାମ ଇନଚାର୍ଜ ଦୁର୍ଗାଶ୍ରୀ ସରଦେସ ପାଣ୍ଡେ ଓ ସବଳ କେନ୍ଦ୍ର ପରିଚାଳକ ଅକ୍ଷୟ କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନଳିତା ଚାଷରୁ ମୁହଁ ଫେରାଇ ନେଉଛନ୍ତି ଚାଷୀ

ପଟ୍ଟାମୁଣ୍ଡାଇ,୬ା୧୨( କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସରକାରୀ ପ୍ରୋତ୍ସାହନ ଅଭାବରୁ ନଳିତା ଚାଷ ପ୍ରତି ଚାଷୀ ବିମୁଖ ହେଉଛନ୍ତି। ଯେଉଁ କେତେଜଣ ଚାଷୀ ଚାଷ କରୁଛନ୍ତି ଝୋଟର ଉଚିତ ଦାମ ନ ମିଳିବାରୁ ସେମାନେ ମଧ ହତାସ ହୋଇ ପଡ଼ିଲେଣି। ନଳିତା ଚାଷ ଲାଭ ଜନକ ହୋଇଥିଲେ ବି ବହୁ କଷ୍ଟକର। ଏତେ ପରିଶ୍ରମ ସତ୍ତ୍ୱେ ପାରିଶ୍ରମିକ ଠିକ୍ ଭାବେ ମିଳୁନାହିଁ। ଝୋଟ ବିକ୍ରି ପାଇଁ ବଜାର ନାହିଁ କି ସରକାରୀ ପ୍ରୋତ୍ସାହନ ମିଳୁନାହିଁ। ତେଣୁ ଝୋଟ ବିକ୍ରି କରିବାକୁ ଚାଷୀ ବ୍ୟବସାୟୀଙ୍କ ଦ୍ୱାରା ଶୋଷିତ ହେଉଥିବା ଅଭିଯୋଗ କରିଛନ୍ତି। ଏପରି ହେଲେ ଆଗାମୀଦିନରେ ନଳିତା ଚାଷ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପୂର୍ବରୁ ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଅଞ୍ଚଳଠାରୁ ଆରମ୍ଭ କରି ଭେଡା ଅଞ୍ଚଳର ଚାଷୀମାନେ ଧାନ, ମୁଗ, ବିରି ବିଭିନ୍ନ ପନିପରିବା ଓ ନଳିତା ଚାଷ କରିଥାନ୍ତି। ଏହି ଅଞ୍ଚଳ ଉପକୂଳବର୍ତ୍ତୀ ହୋଇଥିବାରୁ ନଳିତା ଚାଷ ନିମନ୍ତେ ବିଶେଷ ସମସ୍ୟା ସୃଷ୍ଟି ହୋଇ ନ ଥାଏ। ବିଶେଷ କରି ଚାଷୀମାନେ ଖରାଦିନେ ନଳିତା ଚାଷ ଲାଗି ବିଲରେ ବିହନ ପକାଇଥାନ୍ତି। ଜୁନ ପରେ ମୌସୁମୀ



ନଳିତାକୁ ପାଣିରେ ବତୁରାଇ ଝୋଟ ଓ କାଉଁରିଆ ବାହାର କରାଯାଉଛି।



ପଟ୍ଟାମୁଣ୍ଡାଇ ଅଞ୍ଚଳ ଚାଷ ଜମିରେ ନଳିତା ଚାଷ କରାଯାଇଛି।

## ମିଳୁନି ଝୋଟ, କାଉଁରିଆ: ନାମକୁ ମାତ୍ର ଗବେଷଣା କେନ୍ଦ୍ର

ବାୟୁ ଆସୁଥିବା ହେତୁ ନଳିତା ଗଛ ବର୍ଷା ଜଳ ପାଇ ବଢିଥାଏ। କିନ୍ତୁ ଗତ କିଛିବର୍ଷ ହେଲା ଜଳବାୟୁ ପରିବର୍ତ୍ତନ କାରଣରୁ ବର୍ଷାରେ ଅନିୟମିତତା ପରିଲକ୍ଷିତ ହୋଇଛି। ନଳିତା ଚାଷ କରୁଥିବା ଚାଷୀମାନେ ବହୁ କଷ୍ଟରେ ଖରାଦିନେ ନଳିତା ଗଛକୁ ବିଭିନ୍ନ ଉପାୟରେ ପାଣି ଦେଇ ବଞ୍ଚାଇ ରଖିଥାନ୍ତି। ନଳିତା କାଟିବାଠାରୁ ଆରମ୍ଭ କରି ତାକୁ ପାଣିରେ ପକାଇ ପଚାଇ ଝୋଟ ଓ କାଉଁରିଆ କାଠି କାଢ଼ିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼େ। ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, ୨୦୧୦ ପରେ କେନ୍ଦ୍ରାପଡ଼ା ଜଜାଙ୍ଗଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା।

ଏଠାରେ ମଧ ନୂତନ ପ୍ରକାର ନଳିତା ମଞ୍ଜି ସୃଷ୍ଟି କରି ବୈଜ୍ଞାନିକମାନେ ଚାଷୀଙ୍କ ଅର୍ଥନୀତିକୁ ସଚଳ କରିଥିଲେ। ବିଭିନ୍ନ କିସମର ବିହନ ସହଯୋଗରେ ୨୦୧୪ରେ ପଟ୍ଟାମୁଣ୍ଡାଇ ବ୍ଲକରେ ୨ହଜାର ହେକ୍ଟର ଜମିରେ ନଳିତା ଚାଷ ହୋଇଥିବା ବେଳେ ଗୋଦାମ କରାଯାଇ ଲକ୍ଷ ଲକ୍ଷ ଟନ ଝୋଟ ସଂଗ୍ରହ କରାଯାଇ ପଶ୍ଚିମବଙ୍ଗ ପଠାଯାଉଥିଲା। ହେଲେ ସେ ସମୟ ଆଜି ନାହିଁ। ଜଜାଙ୍ଗ ଗବେଷଣା କେନ୍ଦ୍ର ଏବେ ନାମକୁ ମାତ୍ର ରହିଛି। କିଛିଦିନ ହେବ ଏହି ଗବେଷଣା କେନ୍ଦ୍ରରୁ ବିହନ ବିକ୍ରି ବନ୍ଦ କରି ଦିଆଯାଇଛି। ଫଳରେ ଏବେ ନଳିତା ଚାଷ କମି କମି ୧୫୦ ହେକ୍ଟରରେ ପହଞ୍ଚିଲାଣି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଚାଷୀ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି, ନଳିତା ଚାଷ ପାଇଁ ସରକାରଙ୍କ ପକ୍ଷରୁ ବିହନ, ସାର, ଔଷଧ ମଧ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉନାହିଁ। ଫଳରେ ଚାଷୀ ନଳିତା ଚାଷ ଲାଗି ବିନିଯୋଗ କରୁଥିବା ପ୍ରାପ୍ୟ ଠିକ୍ ଭାବେ ପାଇପାରୁନାହାନ୍ତି। ଖରାଦିନେ ସ୍ଥାନୀୟ ଅଞ୍ଚଳରେ ନଈ, ନାଳ ଓ କେନାଲଗୁଡ଼ିକ ଏକରକମ ଶୁଖିଲା ପଡୁଛି। ଉଠା ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ସାମ୍ପ୍ରତିକ ପରିସ୍ଥିତିରେ ମୂଲିଆ ମଜୁରି, ବିହନ, ସାର, ଔଷଧର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁ ଝୋଟ ସାମଗ୍ରୀର ଉତ୍ପାଦନ ସହ ବ୍ୟବହାର ମଧ କମିଗଲାଣି। ଦୀନବନ୍ଧୁ ଜେନା କହିଛନ୍ତି, ନଳିତା ଚାଷ ଲାଗି ଚାଷୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଉନାହିଁ। ନଳିତାଗୁଡ଼ିକୁ ପଚାଇବା ନିମନ୍ତେ ଟାଙ୍କିର ମଧ ବ୍ୟବସ୍ଥା କରାଯାଇନାହିଁ।

ଚାଷୀମାନେ ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ଗାଡ଼ିଆ, ଖାଲଗୁଡ଼ିକରେ କୁମ୍ଭୀର ଭୟରେ ବହୁ କଷ୍ଟରେ ଏହି ନଳିତାକୁ ପଚାଇ ଝୋଟ ପ୍ରସ୍ତୁତ କରିଥାନ୍ତି। ସ୍ଥାନୀୟ ଅଞ୍ଚଳରେ ଝୋଟ ବିକ୍ରୟ ନିମନ୍ତେ କୌଣସି ସୁବିଧା ନ ଥିବାରୁ ବିକ୍ରୟ କରିବାପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଯେଉଁ ବ୍ୟବସାୟୀମାନେ ଝୋଟ କ୍ରୟ କରୁଛନ୍ତି ସେମାନେ ଠିକ୍ ଦର ଦେଉନାହାନ୍ତି। ଫଳରେ ଚାଷୀ ତା'ର ଉତ୍ପାଦିତ ଦ୍ରବ୍ୟରୁ ଉପଯୁକ୍ତ ପ୍ରାପ୍ୟ ପାଇପାରୁନାହିଁ। ଚାଷୀ ବିନିଯୋଗ କରୁଥିବା ପ୍ରାପ୍ୟ ଝୋଟ ବିକ୍ରୟ ପାଇଁ ଉପଯୁକ୍ତ ବଜାରର ସୁବିଧା ସୁଯୋଗ ନ ଥିବାରୁ ଠିକ୍ ପ୍ରାପ୍ୟ ପାଇ ପାରୁନାହିଁ। ପ୍ରୋତ୍ସାହନ ଅଭାବରୁ ଆଗାମୀଦିନରେ ନଳିତା ଚାଷ ଲୋପ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ସରକାରଙ୍କ ପକ୍ଷରୁ ନଳିତା ଚାଷକୁ ବଞ୍ଚାଇ ରଖିବା ଲାଗି ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ, ତାଲିମ ପ୍ରଦାନ କରାଗଲେ ଓ ଝୋଟର ବିକ୍ରୟ ପାଇଁ ଉପଯୁକ୍ତ ବଜାରର ବ୍ୟବସ୍ଥା ସୃଷ୍ଟି କରିବାକୁ ଚାଷୀ ମହଲରେ ଦୃଢ ଦାବି ହୋଇଛି।

# ପ୍ରେମରେ ପ୍ରତାରଣା: ଯୁବକଙ୍କୁ କୋର୍ଟ ଚାଲାଣ

ମାର୍ଶାଘାଇ, ୬ା୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଟିକରପଙ୍ଗା ପଞ୍ଚାୟତର ଏକ ଗାଁରେ ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ, ପରେ ଶାରୀରିକ ସମ୍ପର୍କ, ଶେଷରେ ବିବାହ କରିବାକୁ ଅରାଜି ହେବା ଯୁବକ ଜଣଙ୍କୁ ମହଙ୍ଗା ପଡିଛି। ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଥାନାରେ ଯୁବତୀ ଜଣକ କରିଥିବା ଅଭିଯୋଗ ଅନୁଯାୟୀ, ସେହି ଗ୍ରାମର ରାଜ କୁମାର ମଲ୍ଲିକ ଓରଫ ରାଜାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ମୋତେ ସେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏବେ ବିବାହ ପାଇଁ ଚାପ ପକାଇବାରୁ ମୋ ଭଉଣୀ ବାହାଘର ଓ ମୋ ଚାକିରି ହେଲେ ତୋତେ ବିବାହ କରିବି ବୋଲି କହିଥିଲେ। ଭଉଣୀ ବାହାଘର ଓ ତାଙ୍କର ଚାକିରି ହେଲା ପରେ ବିବାହ କଥା କହିବାରୁ ରାଜା ମୋତେ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ କରି ଦେବି ବୋଲି ଧମକ ଦେଇଥିଲେ। ରାଜାଙ୍କ ବାପା, ମା', ଭଉଣୀ ଓ ମାମୁ ମଧ ମୋତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରାଜାଙ୍କୁ ଗିରଫ କରିବା ସହ ନଂ. ୨୨୩/୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ



ରାଜକନିକା ଭାଜପା ପକ୍ଷରୁ ଆମ୍ବେଡକର ମହାପ୍ରୟାଣ ଦିବସ ପାଳନ କରାଯାଉଛି।

ରାଜକନିକା,୬ା୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ମେଡିକାଲ ଛକସ୍ଥିତ ପ୍ରାନ୍ତୀୟ ଯୁବମୋର୍ଚ୍ଚା କାର୍ଯ୍ୟାଳୟଠାରେ ଆମ୍ବେଡକର ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସଙ୍କ ସଂଯୋଜନାରେ ଏବଂ ଜୋନ ସଭାପତି ଦିଲୀପ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତ୍ରୀ ଜିତା ଦାସ, ଜିଲା ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟରଞ୍ଜନ ସାହୁ, ସ୍ମୃତି ଭୂଷଣ ବିଜୟଦେବ ବିଶ୍ୱାଳ, ସୁଶାନ୍ତ ନାୟକ, ଜଗନ୍ନାଥ ସାମଲ, ସୁମନ୍ତ ନାୟକ, ମାନସ ବିଶ୍ୱାଳ, ସୁନୀଲ ମଲ୍ଲିକ ଓ ନାରୀନେତ୍ରୀ ପ୍ରୀତିପ୍ରଜ୍ଞା ଜେନା ପ୍ରମୁଖ ଯୋଗଦେଇ ସମ୍ବିଧାନର ପ୍ରଣେତା ପୂଜ୍ୟ ବାବା ସାହେବ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ମହାନ ବ୍ୟକ୍ତିଙ୍କର ମହାପ୍ରୟାଣ ଦିବସ ପାଳନର ବିଶେଷତ୍ୱ ଓ ତାଙ୍କ ନୀତି ଆଦର୍ଶ ଏବଂ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଯୁବମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଖୁଚାଷ ପ୍ରତି ଚାଷୀଙ୍କୁ ଆକୃଷ୍ଟ କରିବାକୁ ସଚେତନତା

ପାଟକୁରା, ୬ା୧୨ (ରବୀନ୍ଦ୍ର ନାଥ ବାରିକ)

ଆଖୁଚାଷ ଏକ ଲାଭଜନକ ଫସଲ। କିନ୍ତୁ ଧୀରେ ଧୀରେ ଏହି ଚାଷ ପ୍ରତି ଚାଷୀମାନେ ମୁହଁ ଆଡେଇ ଦେଉଥିବା ଦେଖିବାକୁ ମିଳୁଛି। ଆଗେ ଗ୍ରାମାଞ୍ଚରେ ବହୁଳ ପରିମାଣରେ ଆଖୁ ଚାଷ ହେଉଥିଲା। ମାସ ମାସ ଧରି ଆଖୁ ଚାଷୀମାନେ ଆଖୁ କୋଲିଆରେ ପଡି ରହି ଗୁଡ଼ ଅମଳ କରୁଥିଲେ। ପିଲାମାନେ କୋଲିଆକୁ ଯାଇ ଆଖୁ ରସରୁ ବାହାରୁଥିବା ଦୋରୁଅ ପିଉଥିଲେ ଓ ଖାଇବା ପାଇଁ ଆଖୁ ଧରି ଘରକୁ ଆସୁଥିଲେ। ଗୁଡ଼ ବିକ୍ରି କରି ଚାଷୀମାନେ ବେଶ ଦି ପଇସା ପାଇ ନିଜର ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ଧୀରେ ଧୀରେ ଗ୍ରାମାଞ୍ଚଳରେ ଆଖୁ ଚାଷ ଲୋପ ପାଇବାକୁ ବସିଲାଣି। ଏଣୁ ଆଖୁ ଚାଷ ପ୍ରତି ଚାଷୀମାନଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଶୁକ୍ରବାର ଗରଦପୁର କୃଷି ବିଭାଗ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ବ୍ଲକର ଭଗବାନପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଶିବିରରେ ବ୍ଲକର ୫୦ ଜଣ ଆଗୁଆ ଚାଷୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ଜିଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, ମାର୍ଶାଘାଇ କୃଷି ଜିଲା ଅଧିକାରୀ ହେମନ୍ତ କୁମାର ସାମଲ, ବ୍ଲକ କୃଷି ଅଧିକାରୀ ଡ. ଗୌତମ ଦାସ, ଜାଜାଙ୍ଗ କୃଷି ବିଜ୍ଞାନ କେନ୍ଦ୍ରର ଡ. ତାପସ ରଞ୍ଜନ ସାହୁ ଓ ଆଇପିଏଲ ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ଅଧିକ ପରିମାଣ ଜମିରେ ଆଖୁ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଚାଷ ପାଇଁ ସେମାନେ ବିଭିନ୍ନ ସମୟରେ ଚାଷୀଙ୍କ ନିକଟରେ ପହଞ୍ଚି ବୈଷୟିକ ଜ୍ଞାନକୌଶଳ ବତାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ପକ୍ଷରୁ ଆଖୁ ବିକ୍ରି କରିବାକୁ ସମସ୍ତ ପ୍ରକାର ସହାୟତା ଚାଷୀମାନଙ୍କୁ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ। ଠିକ ଢଙ୍ଗରେ ଆଖୁ ଚାଷ କରାଗଲେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଦୃଢ଼ ହେବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।




ସଚେତନତା ଶିବିରରେ ଉପସ୍ଥିତ ବୈଷୟିକ ପଦାଧିକାରୀ ବୃନ୍ଦ।

# ଭିନ୍ନକ୍ଷମ ସ୍ୱାସ୍ଥ୍ୟ ପରୀକ୍ଷା: ୧୭୭ ଚିହ୍ନଟ ପଞ୍ଜୀକୃତ

## ମାସେ ମଧ୍ୟରେ ମିଳିବ କିଟ୍

ମହାକାଳପଡ଼ା, ୬ା୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କିଆରବାଙ୍କ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶାରୀରିକ ଭିନ୍ନକ୍ଷମ ୧୭୭ଙ୍କୁ ଚିହ୍ନଟ କରାଯାଇଛି। ଚିହ୍ନଟ ହୋଇ ପଞ୍ଜୀକୃତ ଭିନ୍ନକ୍ଷମମାନଙ୍କୁ ମାସେ ମଧରେ ସେମାନଙ୍କର ବିଭିନ୍ନ କିଟ୍ ବଣ୍ଟନ କରାଯିବ ବୋଲି କୁହାଯାଇଛି। ବ୍ଲକର ବିଭିନ୍ନ ପ୍ରାନ୍ତରରୁ ଯୋଗ ଦେଇଥିବା ଶାରୀରିକ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷିତ ରହିବା ଆବଶ୍ୟକ ହେଉଛି ବୋଲି କହିଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ। ପୂର୍ବାହ୍ନରେ ଭାରତୀୟ ତୈଳ ନିଗମ (କର୍ପୋରେଟ ସାମାଜିକ ଦାୟିତ୍ୱବୋଧ) ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀ କର୍ତ୍ତୃପକ୍ଷ ଅଧିକାରୀ ବି. ବି. ସୁବୁଦ୍ଧି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଶାରୀରିକ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିହ୍ନଟ କରାଯାଇଛି। ଚିହ୍ନଟ ହୋଇ



ବିଦ୍ୟାଳୟରେ ଭିନ୍ନକ୍ଷମମାନେ ନାମ ପଞ୍ଜୀକୃତ ପାଇଁ ପହଞ୍ଚିଛନ୍ତି।

ପଞ୍ଜୀକୃତ ହୋଇଥିବା ୧୭୭ ଶାରୀରିକ ଭିନ୍ନକ୍ଷମଙ୍କୁ ଏକ ମାସ ମଧରେ ବିଭିନ୍ନ କିଟ୍ ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଉମାକାନ୍ତ ଜେନା ପରିଚାଳନା କରିଥିଲେ। ଏହି ଅବସରରେ ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା, ବାରଡ଼ାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନଙ୍କ ମଧରେ ଭ୍ରମରବର ଦାସ, ଗରୁଡ଼ ବିଶ୍ୱାଳ, ଅଭିଳାଷ ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଭି.ଆର୍. ହସ୍ପିଟାଲ ଉଦ୍‌ଘାଟିତ

ଆଳି, ୬ା୧୨(ବନମାଳୀ ସେନାପତି)

ଆଳି ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ ସାମାଜିକ କର୍ମୀ ରମେଶ ସାମଲଙ୍କ ଚେଷ୍ଟାରେ ଆଳିରେ ଏକ ନୂତନ ହସ୍ପିଟାଲ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସାମଲ ତାଙ୍କ ବାପା ରଘୁନାଥ ଓ ମା' ଭାରତୀଙ୍କ ନାମରେ ନାମିତ କରିଥିବା ଭି.ଆର. ହସ୍ପିଟାଲକୁ ତାଙ୍କ ମା'ବାପାଙ୍କ କରକମଳରେ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସାମଲ କହିଛନ୍ତି, ଆଳି ଅଞ୍ଚଳରେ ଅନେକ ସମୟରେ ଦୁର୍ଘଟଣା ସହ ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର ନିମନ୍ତେ ବାହାରକୁ ଯିବାକୁ ପଡୁଥିଲା। ତେଣୁ ଏହି ହସ୍ପିଟାଲରେ ଲାପରସ୍କୋପି, ଲେଜର, ଜେନେରାଲ ସର୍ଜରି ଭଳି ସୁବିଧା ଯୋଗାଇ ଦିଆଯିବ। ଏହି ହସ୍ପିଟାଲ ସର୍ବଦା ଆଳି ଅଞ୍ଚଳର ଜନସାଧାରଣଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ଚେଷ୍ଟା କରିବ ବୋଲି ସେ ଆଶା ରଖିଛନ୍ତି।



ହସ୍ପିଟାଲକୁ ଉଦ୍‌ଘାଟନ କରାଯାଉଛି।

# ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ମହାକାଳପଡ଼ା, ୬ା୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

## ଚପାଇ ଦେବାକୁ ଉଦ୍ୟମ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳରେ ୨୧ ବର୍ଷୀୟା ଯୁବତୀଙ୍କୁ ମଙ୍ଗଳବାର ରାତିରେ ପଡ଼ୋଶୀ ଘର ବିବାହିତ ଯୁବକ ଅସଦାଚରଣ କରିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ମିଳିଥିବା ସୂଚନା ଅନୁସାରେ, ପାଟି ଫିଟୁ ନ ଥିବା ଭିନ୍ନକ୍ଷମ ଯୁବତୀଙ୍କ ଉପରେ ଅଭାବନୀୟ ଘଟଣାକୁ ନେଇ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାଟି ୪ଦିନ ବିତିଯାଇଥିଲେ ମଧ ଏହି ଅଭାବନୀୟ ଘଟଣାକୁ ଗାଁରେ ଚପାଇ ଦେବା ପାଇଁ ଉଦ୍ୟମ ଚାଲିଛି ବୋଲି ସେହି ଅଞ୍ଚଳର ଜଣେ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଉଭୟ ଗୋଷ୍ଠୀଙ୍କୁ ଥାନାର ଡାକରା ପାଇ ଯାଇଥିବା କୁହାଯାଇଛି। ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଲେଖା ହେବା ବେଳକୁ ଥାନାରେ ରିପୋର୍ଟ ହୋଇଥିବା ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ଦାୟିତ୍ୱରେ ଥିବା ମହାକାଳପଡ଼ା ଥାନା ଅଧିକାରୀ ଧୀରଜ ଲେଙ୍କା ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ୍ ମ୍ୟାଚ୍

କେନ୍ଦ୍ରାପଡ଼ା, ୬ା୧୨ (ଜଗନ୍ନାଥ ଧଳ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ କେନ୍ଦ୍ରାପଡ଼ା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଆନ୍ତଃ କ୍ଲବସ୍ତରୀୟ କେନ୍ଦ୍ରାପଡ଼ା ସୁପର ଲିଗ ମ୍ୟାଚ ଶୁକ୍ରବାର ଆରମ୍ଭ ହୋଇଛି। ସହରର ସାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ଏହି ଲିଗ୍ ମ୍ୟାଚକୁ ପୂର୍ବତନ କାଉନସିଲର ରଞ୍ଜିତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ଭାଜପା ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ସଲିମ ଖାଁ ଓ କାଉନସିଲର କାଳି ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏ ଓ ଜିଲା ଆସୋସିଏଶନର ଏହି ଲିଗ ମ୍ୟାଚ ନୂତନ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସେମାନେ କହିଥିଲେ, ଜିଲାସ୍ତରୀୟ ଉନ୍ନତ ଷ୍ଟାଡିୟମର ଅଭାବ ବହୁଦିନ ଧରି ରହି ଆସିଥିଲା। ବିଜୁ ପଟ୍ଟନାୟକ ଷ୍ଟାଡିୟମ ଏହାର ଅଭାବ ପୂରଣ କରିଛି। ବିଭିନ୍ନ ଖେଳ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଛି। ସୁପରଲିଗ ମ୍ୟାଚ ସମ୍ପର୍କରେ ଜିଲା ଆସୋସିଏଶନ ସମ୍ପାଦକ ଶୁଭାଶିଷ ସେନାପତି କହିଛନ୍ତି, ଜିଲାର ୧୦ଟି ଟିମ୍ ଏଥିରେ ସାମିଲ ହୋଇଛନ୍ତି। ଦୁଇଟି ଗ୍ରୁପରେ ବିଭକ୍ତ ହୋଇ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମ୍ୟାଚ ଚାଲିବ। ୫୦ ଓଭର ବିଶିଷ୍ଟ ଏହି ମ୍ୟାଚ ସକାଳ ୯ଟା ଓ ଅପରାହ୍ନ ୧ଟାରୁ ଆରମ୍ଭ ହେବ। ଏହି ମ୍ୟାଚରେ ବାଲାବାବା କ୍ରିକେଟ କ୍ଲବ, ଆଳି କ୍ରିକେଟ ଆଣ୍ଡ ସ୍ପୋର୍ଟସ କାଉନସିଲ, ଇଲେଭେନ ଷ୍ଟାର କ୍ରିକେଟ କ୍ଲବ, ଗୋପବନ୍ଧୁ କ୍ରିକେଟ କ୍ଲବ ଓ କେନ୍ଦ୍ରାପଡ଼ା ଟାଇଗର୍ସ ଏ ଗ୍ରୁପରେ ଅଛନ୍ତି। ସେହିପରି ଶ୍ରୀକ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ, ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ, କେନ୍ଦ୍ରାପଡ଼ା ଲାୟନ୍ସ, ବିଶ୍ୱାସ କ୍ଲବ ଓ ନେତାଜୀ ୟୁଥ କ୍ଲବ ବି ଗ୍ରୁପରେ ରହିଥିବା ଜିଲା ସମ୍ପାଦକ ସେନାପତି ସୂଚନା ଦେଇଛନ୍ତି। ଉଦ୍‌ଘାଟନ ଉତ୍ସବ ଓ ମ୍ୟାଚକୁ ଆସୋସିଏଶନ କର୍ମକର୍ତ୍ତା, ସଦସ୍ୟ ଓ ରେଫରିମାନେ ପରିଚାଳନା କରିଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଦୁର୍ଘଟଣାରେ ଯୁବକ ମୃତ

ପଟ୍ଟାମୁଣ୍ଡାଇ,୬ା୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ନିକିରାଇ ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ବାରୋ ପଥରକଣୀ ରାସ୍ତାରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତବ୍ୟକ୍ତି ଜଣଙ୍କ ହେଉଛନ୍ତି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପୌର ପରିଷଦ ଅଧୀନ ୧୧ ନମ୍ବର ୱାର୍ଡର ଅଧିବାସୀ ସେକ ତଇ ଡୁଲ୍ଲା(୫୩)ବୋଲି ଜଣାପଡିଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ଏକ ବୁଲେଟ ଯୋଗେ କେନ୍ଦ୍ରାପଡ଼ାରୁ ଘରକୁ ଫେରୁଥିବା ବେଳେ ବରୋ ନିକଟ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଟ୍ରାକ୍ଟରକୁ ପଛପଟରୁ ଧକ୍କା ଦେଇଥିଲା। ଫଳରେ ବୁଲେଟ ଆରୋହୀ ତଇ ରାସ୍ତା ଉପରକୁ ଛିଟିକି ପଡିଥିଲେ। ବୁଲେଟ ଆରୋହୀ ସେକ ତଇ ଡୁଲ୍ଲା ଓ ପଛରେ ବସିଥିବା ତାଙ୍କ ଭାଉଜଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତଇଙ୍କୁ ମୃତ ଘୋଷଣା କରିଥିବା ବେଳେ ତଇଙ୍କ ଭାଉଜଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ସରକାରୀ ନିୟମ ମୁତାବକ ଲୋକ ପାଉଛନ୍ତି ଭତ୍ତା



ଖବରଦାତା ସମ୍ମିଳନୀରେ ଆଳି ବିଜେଡିର ନେତୃମଣ୍ଡଳୀ ।

## ଆଳି ବ୍ଲକରେ ଯୁବକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରସଙ୍ଗ

ଆଳି, ୬ା୧୨(ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଭତ୍ତା ବଣ୍ଟନରେ ପୂର୍ବ ବିଜେଡି ସରକାରଙ୍କ ଅମଳରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଉପଯୁକ୍ତ ହିତାଧିକାରୀଙ୍କ ବଦଳରେ ଯୁବକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଥିବା ଆଳି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗର ଦୃଢ ପ୍ରତିବାଦ କରି ବ୍ଲକ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ଆଳି ବ୍ଲକ ବିଜେଡିର ସଭାପତି ସନାତନ ମିଶ୍ର, ଆଳି ପଞ୍ଚାୟତ ସମିତିର ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି।

ଆଳି ବ୍ଲକରେ ଯୁବକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ନୁହେଁ, ସରକାରୀ ନିୟମ ମୁତାବକ ଲୋକେ ପାଉଛନ୍ତି ଭତ୍ତା। ନିଜକୁ ଭାଜପା ନେତା ବୋଲାଉଥିବା ବ୍ୟକ୍ତି ବିଶେଷ କୌଣସି ଉପଯୁକ୍ତ ଅନୁସନ୍ଧାନ ନ କରି ବୃଥା ଲୋକ ପ୍ରିୟତା ହାସଲ କରିବାକୁ ଏଭଳି ଅଭିଯୋଗ କରିଛନ୍ତି ଆମେ ତାର ଦୃଢ ପ୍ରତିବାଦ କରୁଛୁ। ସରକାରୀ ନିୟମ ମୁତାବକ ଭୋଟର ଲିଷ୍ଟ ପ୍ରସ୍ତୁତି, ଉପଯୁକ୍ତ କମିଟି ଦ୍ୱାରା ଭତ୍ତା ହିତାଧିକାରୀ ମନୋନୟନ କରାଯାଇ ବିଭାଗୀୟ ଅଧିକାରୀ ଏବଂ ଜିଲାପାଳଙ୍କ ଅନୁମୋଦନ ପରେ ଭତ୍ତା ପ୍ରଦାନ କରାଯାଇଥାଏ। ଆଳି ବ୍ଲକରେ ସରକାରୀ ନିୟମ ମୁତାବକ, ଭତ୍ତା ଦିଆଯାଉଛି। କୌଣସି ନିର୍ଦ୍ଦିଷ୍ଟ ଅନିୟମିତତାର ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ବ୍ଲକରେ ମାତ୍ର ୨୪,୧୪୭ ହିତାଧିକାରୀ ଭତ୍ତା ପାଉଥିବା ବେଳେ ୨୦ ହଜାରରୁ ଉର୍ଦ୍ଧ୍ୱ ଅଯୋଗ୍ୟଙ୍କୁ ଭତ୍ତା ବଣ୍ଟନ କରାଯାଉଛି ବୋଲି ଯେଉଁ ବୃଥା ଓ ଅବାସ୍ତବ ଅଭିଯୋଗ ପ୍ରକାଶ କରିଛନ୍ତି। ତାହା ସମ୍ପୂର୍ଣ୍ଣ କପୋଳକଳ୍ପିତ ଓ ଭିତ୍ତିହୀନ। ଶସ୍ତା ଲୋକପ୍ରିୟତାର ହାସଲ କରିବାକୁ ଏଭଳି ହୀନ ଉଦ୍ୟମରୁ ନିବୃତ୍ତ ହୁଅନ୍ତୁ ନଚେତ ସାଧାରଣ ଜନତା ଏହାର ଉପଯୁକ୍ତ ଜବାବ ଦେବେ। ଶୁକ୍ରବାର ଅପରାହ୍ନରେ ବହୁମୁଖୀ ଆଶ୍ରୟସ୍ଥଳରେ ଆୟୋଜିତ ସମ୍ମିଳନୀକୁ ସୁବ୍ରତ ଦାଶ, ମନୋଜ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶର୍ଟ ସର୍କିଟରୁ ୧୦ ପରିବାରର ଉପକରଣ ନଷ୍ଟ

ଆସିକା,୬।୧୨(ସୁରେନ୍ଦ୍ର ନାଥ ସାହୁ)

ଆସିକା କଲେଜଛକ ମହାରଣା କଲୋନୀରେ ଶୁକ୍ରବାର ସକାଳ ପ୍ରାୟ ୮ଟାରେ ବିଦ୍ୟୁତ ଶର୍ଟ ସର୍କିଟରେ ପ୍ରାୟ ୧୦ ପରିବାରର ବିଦ୍ୟୁତ ଉପକରଣ ପୋଡି ନଷ୍ଟ ହୋଇଯାଇଛି । ଏପରିକି ଘର ସବୁ ଧୂଆଁମୟ ହୋଇଥିବା କ୍ଷତିଗ୍ରସ୍ତ ପରିବାରଗୁଡିକ ଅଭିଯୋଗ କରିଛନ୍ତି। ସୌଭାଗ୍ୟବଶତଃ କେହି ମୃତାହତ ହୋଇନାହନ୍ତି। ମହାରଣା କଲୋନୀର ପଦ୍ମ ମହାରଣା, ସୁଦର୍ଶନ ଜେନା, ପ୍ରମୋଦ କୁମାର ତ୍ରିପାଠୀଙ୍କ ସମେତ ବହୁ ପରିବାର ଏଭଳି ଅଘଟଣର ସମ୍ମୁଖୀନ ହୋଇଛନ୍ତି । ଏ ସମ୍ପର୍କରେ ନୂଆଗାଁସ୍ଥିତ ବିଦ୍ୟୁତ ସବିଡିଭିଜନର ଏସଡିଓ ଜିତେନ୍ଦ୍ର ସିଂଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଲାଗି ବିଭାଗୀୟ କର୍ମଚାରୀଙ୍କୁ ପଠାଇଛି, ତଦନ୍ତ ପରେ କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି।

### ପରିବେଶ ପ୍ରଦୂଷଣ ରୋକିବାକୁ ସଚେତନତା

ଖଜୁରୀପଡ଼ା,୬।୧୨( ବିଦୁର ବେହେରା)

ପଲିଥିନ, ପ୍ଲାଷ୍ଟିକ ଏବଂ ଗାଡ଼ିମଟର ବହୁଳ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ତେଣୁ ପ୍ରଦୂଷଣକୁ ରୋକିବା ପାଇଁ ଡିସେମ୍ବର ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ପିରାମଲ ଫାଉଣ୍ଡେଶନ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଖଜୁରିପଡ଼ା ବ୍ଲକ ସୁଦ୍ଧକୁମ୍ପା ପଞ୍ଚାୟତ ସମ୍ମୁଖରେ ସ୍ଥାନୀୟ ସ୍କୁଲର ଛାତ୍ରୀଛାତ୍ରମାନେ ଏକ ସଚେତନା କାର୍ଯ୍ୟକ୍ରମ କରିଥିଲେ। ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର ନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିବା ସହିତ ସୁସ୍ଥ ପରିବେଶ ପାଇଁ ଗଛ ଲଗାଇବାକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉକ୍ତ ସଂସ୍ଥାର ପ୍ରିୟଙ୍କା ଦାସ, ଶିବାନୀ ପଣ୍ଡାଙ୍କ ସହିତ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଦ୍ଧକୁମ୍ପାର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହିନ୍ଦୁଙ୍କ ଉପରେ ଅତ୍ୟାଚାରର ପ୍ରତିବାଦ

ଆସିକା,୬।୧୨(ସୁରେନ୍ଦ୍ର ନାଥ ସାହୁ)

ପଡୋଶୀ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାରକୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦୃଢ ପ୍ରତିବାଦ କରାଯାଇଛି। ଆସିକା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର ଏକ ଶୋଭାଯାତ୍ରା କରାଯିବା ସହ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାଂଲାଦେଶରେ ହିନ୍ଦୁମାନଙ୍କୁ ସୁରକ୍ଷା, ବାଂଲାଦେଶୀମାନଙ୍କୁ ଅଞ୍ଚଳରୁ ବାହାର କରିବା, ଗୋ ହତ୍ୟା ବନ୍ଦ କରିବା, ଗୋମାତାର ସୁରକ୍ଷା, ଗୋଚର ଜମିର ପୁନରୁଦ୍ଧାର, ଗୋ ଚାଲାଣ ବନ୍ଦ କରିବା ଆଦି ଦାବି ରହିଛି । କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମ୍ପାଦକ ବଟକୃଷ୍ଣ ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ମୁରଲୀ ଧର ପଣ୍ଡା, ଘୁମୁସର ଜିଲା ସଭାପତି ସୁଧୀର କୁମାର ନାୟକ, ଶ୍ରୀନିବାସ ପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଘବ ସିଅ, ସରୋଜ ଭଞ୍ଜ, ରବିନ୍ଦ୍ର ଆଚାରୀ ପ୍ରମୁଖ ସାମିଲ ଥିଲେ ।

### ଶେରଗଡ଼ ବ୍ଲକରେ ନାହିଁ ଶୀତଳ ଭଣ୍ଡାର

#### କ୍ଷତି ସହୁଛନ୍ତି ପନିପରିବା ଚାଷୀ

ଶେରଗଡ଼,୬।୧୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକରେ ରହିଛି ୨୨ ପଞ୍ଚାୟତ, ୯୫ରୁ ଅଧିକ ରାଜସ୍ୱ ଗ୍ରାମ। ୨୨ ପଞ୍ଚାୟତରୁ କୁରୁଳା, ଠୁରୁବୁରାଇ, ଅଲାରିଗଡ, ଗୋଠଗାଁ, ଡେଙ୍ଗାପଦର, ଗୋବିନ୍ଦପୁର, ପିତ୍ତଳ, ତହଁର, ବ୍ରାହ୍ମଣଛାଇ, ନରେନ୍ଦ୍ରପୁର, ଧନନ୍ତର, କୃଷ୍ଣଛାଇ, ଟାକରଡା ସମେତ ୧୪ ପଞ୍ଚାୟତରେ ପନିପରିବା ଚାଷ ହେଉଛି। ଅମଳ ପନିପରିବାକୁ ସାଇତି ରଖିବାକୁ ବ୍ଲକରେ ଶୀତଳ ଭଣ୍ଡାର ନାହିଁ। ଫଳରେ ଚାଷୀମାନେ ଅମଳ ପନିପରିବା ଅଧିକ ଦିନ ରଖି ନ ପାରି ଅଳ୍ପ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଶୀତଳଭଣ୍ଡାର ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନକୁ ଜଣାଇଲା ପରେ ମଧ ଏଯାବତ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଶୀତଳଭଣ୍ଡାରଟିଏ ପ୍ରତିଷ୍ଠା ହୋଇପାରିନାହିଁ। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଉକ୍ତ ବ୍ଲକରେ ଏକ ଶୀତଳଭଣ୍ଡାର ନିର୍ମାଣ ପାଇଁ ଚାଷୀ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅର୍ଥ ନେଇଗଲେ

## ଦଲାଲ ପ୍ରତିଶ୍ରୁତି ଦେଇ ଘର ନିର୍ମାଣ କଲେନି, ନିରାଶ ହିତାଧିକାରୀ

ଦାରିଙ୍ଗବାଡ଼ି, ୬।୧୨ (ଅରୁଣ ସାହୁ)



ଜଣେ ହିତାଧିକାରୀ ପାଇଥିବା କାର୍ଯ୍ୟାଦେଶ ପତ୍ର ଦେଖାଉଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ କଚ୍ଚାଘରକୁ ପକ୍କା ଘର କରିବା ପାଇଁ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। କିନ୍ତୁ ତାହା କେତେ ସଫଳ ରୂପାୟନ ହେଉଛି ତା'ର ତଦାରଖ ହେଉନାହିଁ। ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନିୟୋଜିତ ଅଧିକାରୀମାନଙ୍କ ମନମୁଖି ହେଉ କି ବୈମାତୃକ ମନୋଭାବ ହେଉ ତାହା ତୃଣମୂଳ ସ୍ତରରେ ଫେଲ ମାରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଉକ୍ତ ବ୍ଲକ ସିମନବାଡ଼ି ପଞ୍ଚାୟତ ଦଡିବାଡି ଗ୍ରାମରେ। ଉକ୍ତ ଗ୍ରାମର ସୁକୁମାରି ବିନ୍ଧାଣିଙ୍କୁ ୨୦୨୩ ଜୁନ ମାସ ୧୯ରେ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯିବା ସହ ଆଗୁଆ ୪୦ ହଜାର ଅନୁଦାନ ପ୍ରଦାନ କରାଯାଇଥିଲା। ତେବେ ସେହି ଗ୍ରାମର ଜଣେ ଯୁବକ ଘର ନିର୍ମାଣ କରିଦେବି କହି ଉକ୍ତ ଅର୍ଥ ନେବା ସହ କାର୍ଯ୍ୟ ଆରମ୍ଭ କରିଥିଲେ। ସୁକୁମାରୀଙ୍କ ଦ୍ୱିତୀୟ କିସ୍ତି ୬୫ ହଜାର ଆସିବା ପରେ ଘରର କାର୍ଯ୍ୟ ସମ୍ପୂର୍ଣ୍ଣ କରିବି କହି ଯୁବକ ଜଣକ ସମସ୍ତ ଅର୍ଥ ନେଇଗଲେ। ସେହିଦିନଠାରୁ ଆଉ ଉକ୍ତ ଯୁବକ ନା ଘର କାର୍ଯ୍ୟ ଶେଷ କରୁଛନ୍ତି ନା ସୁକୁମାରୀଙ୍କ ଅର୍ଥ ଫେରାଉଛନ୍ତି। ଫଳରେ ସୁକୁମାରୀ ଏବେ ଗୁହାଳ ଘରେ ଛେଳି ଗହଣରେ ରହିବା ସହ ତାଙ୍କ ପରିବାର ଓ ଛେଳି ଏକାଠି ମୁଣ୍ଡ ଗୁଞ୍ଜୁଛନ୍ତି। ଖରା ପରେ ବର୍ଷା ଦିନ ଗଲା ଏବେ ଶୀତରେ ମଧ ଉକ୍ତ ଘରେ ଦିନ ବିତାଉଛନ୍ତି। ସେ ଅନେକ ସ୍ୱପ୍ନ ଦେଖିଥିଲେ ଘରଟିଏ ହେଲା ପରେ ପରିବାର ନେଇ କୋଠା ଘରେ ରହିବେ ହେଲେ ସେ ସ୍ୱପ୍ନ ତାଙ୍କର ଧୂଳିସାତ ହୋଇଯାଇଛି। ସେହିପରି କେବଳ ସୁକୁମାରୀ ନୁହନ୍ତି ସେହି ଗ୍ରାମର ଶିବ ବିନ୍ଧାଣି ଏବଂ ନମିତା ପ୍ରଧାନଙ୍କୁ ମଧ ସେହି ଗୋଟିଏ ଦିନରେ କାର୍ଯ୍ୟାଦେଶ ମିଳିଥିଲା। ଯୁବକ ଜଣକ ସମସ୍ତଙ୍କ ଘର ଶୀଘ୍ର ନିର୍ମାଣ କରିଦେବି କହି ୨ଟି କିସ୍ତିର ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ନେଇ ସମସ୍ତ ଘର ଅଧାପନ୍ତରିଆ କରି ଛାଡି ଲୋକଙ୍କ ଅର୍ଥକୁ ହଡ଼ପ କରିଦେଇଛନ୍ତି। ବର୍ତ୍ତମାନ ଦେଢ଼ ବର୍ଷରୁ ଅଧିକା ସମୟ ହେଲା ସୁକୁମାରୀ, ନମିତା ଏବଂ ଶିବ ବିନ୍ଧାଣୀଙ୍କ ଘର ନିର୍ମାଣ କାର୍ଯ୍ୟ ସରି ନ ଥିବା ବେଳେ ଅତି ଚଞ୍ଚକତାର ସହ ଅର୍ଥ ହଡ଼ପ ସହ ଅତି ନିମ୍ନମାନର କାର୍ଯ୍ୟକୁ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନେ ଚିନ୍ତିତ ଅଛନ୍ତି। କେବେ ଓ କେମିତି ତାଙ୍କ ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇପାରିବ ସେନେଇ ପ୍ରଶାସନ ହସ୍ତକ୍ଷେପ କରିବାକୁ ହିତାଧିକାରୀମାନେ ନିବେଦନ କରିଛନ୍ତି। ବିଡିଓ ପ୍ରୀତିରଞ୍ଜନ ରଥଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଆମେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ଅନୁଦାନ ପ୍ରଦାନ କରୁଛୁ। ହିତାଧିକାରୀମାନେ ସଚେତନ ନ ହେବାରୁ ଦଲାଲମାନେ ଫାଇଦା ନେଉଛନ୍ତି। ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।

# ରୋଗୀଙ୍କୁ ମିଳୁନି ବେଡ୍‌ଶିଟ୍, ନିରାମୟ ଔଷଧ

## ପୋଲସରା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ପୋଲସରା,୬।୧୨(ସୁବ୍ରତ ବେହେରା)




ଗଞ୍ଜାମ ଜିଲା ପୋଲସରା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଡ଼ାକ୍ତର ଅଭାବ ଯୋଗୁ ରୋଗୀଙ୍କ ଚିକିତ୍ସାରେ ଡ଼ାକ୍ତରଙ୍କ ଅବହେଳା ହେଉଥିବା ବେଳେ ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ଥିବା ରୋଗୀଙ୍କୁ ଡାକ୍ତରଖାନା ପକ୍ଷରୁ କର୍ମଚାରୀମାନେ ବେଡଶିଟ୍ ଦେଉନାହାନ୍ତି । ବେଡଶିଟ୍ ମାଗିଲେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ କର୍ମଚାରୀମାନେ ନାଲିଆଖି ଦେଖାଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିରାମୟ ଯୋଜନାରେ ରୋଗୀଙ୍କୁ ମେଡ଼ିସିନ ଦେବା ବ୍ୟବସ୍ଥା କରାଯାଇଥିବା ବେଳେ ଏହା ଏଠାରେ ମିଳୁନାହିଁ। ଫଳରେ ସେମାନେ ବାହାରୁ ମେଡ଼ିସିନ ଷ୍ଟୋରରୁ ମେଡିସିନ କିଣିବାକୁ ବାଧ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଜିଟାଲ ଏକ୍ସ-ରେ ମେଶିନ ନ ଥିବାରୁ ବିଭିନ୍ନ ସମୟରେ ରୋଗୀ ବାହାରେ ଏକ୍ସ-ରେ କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗୋପବନ୍ଧୁ ବେହେରାଙ୍କୁ ପଚାରିବାକୁ ତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

# ରାମଗିରି ଥାନାର ୨ ଗୃହରକ୍ଷୀ ପୁରସ୍କୃତ

ରାମଗିରି,୬।୧୨(ବୃନ୍ଦାବନ ଗୌଡ଼)



ଗୃହରକ୍ଷୀଙ୍କୁ ପୁରସ୍କୃତ କରୁଛନ୍ତି ଏସ୍‌ପି

ଗଜପତି ଜିଲା ସଦରମହକୁମାସ୍ଥିତ ବେତାଗୁଡା ଆରଓ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ୬୨ ତମ ଗୃହରକ୍ଷୀବାହିନୀ ଦିବସରେ ଆର. ଉଦୟଗିରି ବ୍ଲକ ରାମଗିରି ଥାନାରେ କାର୍ଯ୍ୟରତ ଦୁଇଜଣ ଗୃହରକ୍ଷୀ ଶୁଭ୍ରାନ୍ତ ପାଣି ଓ ଭୀମସେନ ଭୂୟାଁ ପୁରସ୍କୃତ ହୋଇଛନ୍ତି। ଜିଲା ଏସ୍‌ପି ଯତିନ୍ଦ୍ର ପଣ୍ଡା ଉଭୟଙ୍କୁ ମାନପତ୍ର ପ୍ରଦାନ ସହ ପୁରସ୍କୃତ କରିଛନ୍ତି। ରାମଗିରି ଥାନାଧିକାରୀ ଡି. ଗଜପତି ଦୋରାଙ୍କ ସହ ଅନ୍ୟମାନେ ଉଭୟ ଗୃହରକ୍ଷୀଙ୍କୁ ଶୁଭେଚ୍ଛା ଜଣେଇଛନ୍ତି।

# ନୂତନ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗଣିଆ,୬।୧୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ୍ ରାମଚନ୍ଦ୍ର ସାମନ୍ତରାୟ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଅଗ୍ର ପୂଜ୍ୟ ଗଜାନନ ଓ ବିଦ୍ୟାଦାତ୍ରୀ ମା' ବାଗଦେବୀଙ୍କ ନୂତନ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ମହାବିଦ୍ୟାଳୟର ଅଧକ୍ଷଙ୍କ ଚେଷ୍ଟା, ଉଦ୍ୟମରେ ନୂତନ ମନ୍ଦିର ନିର୍ମାଣ କରାଯାଇ ଜୀଉଙ୍କର ନୂତନ ବିଗ୍ରହକୁ ନାନାବିଧ ପୂଜାର୍ଚ୍ଚନା ପୂର୍ବକ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା। ଗୁରୁବାର ଆୟୋଜିତ ଏହି ଆଧାତ୍ମିକ ଉତ୍ସବରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଗୋପୂଜନ, ମନ୍ଦିର ପ୍ରତିଷ୍ଠା, ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ପୂଜାର୍ଚ୍ଚନା ଓ ଯଜ୍ଞ ପରିଚାଳନା କରିଥିଲେ। ସ୍ଥାନୀୟ ବାସିନ୍ଦା ଓ ବହୁ ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ କରି ଦିଅଁଙ୍କୁ ଶୋଭାଯାତ୍ରାରେ ନେଇ ମନ୍ଦିରରେ ପ୍ରତିଷ୍ଠା କରିଥିଲେ। ଏହି ଅବସରରେ ଆୟୋଜିତ ଯଜ୍ଞାନୁଷ୍ଠାନରେ କର୍ତ୍ତା ଆହୁତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠାତା ଭାବେ ଖଣ୍ଡପଡ଼ା ଗଡ଼ଜାତର ରାଜ କୁମାର ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଯୋଗ ଦେଇଥିଲେ। ସାଧୁ ସନ୍ଥଙ୍କ ସମାଗମରେ ମହାବିଦ୍ୟାଳୟ ପରିସର ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମ୍ପାଦକ, ଅଧକ୍ଷ ମଳୟ କୁମାର ପଣ୍ଡା, ଉପାଧକ୍ଷ ଉମାକାନ୍ତ ବେହେରାଙ୍କ ସମେତ ମହାବିଦ୍ୟାଳୟର ଅଧାପିକାଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ସାଧୁସନ୍ଥମାନେ।

# ୮୦ ଲିଟର ଦେଶୀ ମଦ ଜବତ, ୪ ଗିରଫ

ଖଣ୍ଡପଡ଼ା,୬।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଅବକାରୀ କର୍ମଚାରୀମାନେ ଶୁକ୍ରବାର ଚଢ଼ାଉ କରି ୮୦ ଲିଟର ଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ହେଲେ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ନିକଟ ଶବରସାହିର ବସନ୍ତ ନାଏକ(୫୫)ଙ୍କଠାରୁ ୨୦ ଲିଟର ଦେଶୀ ମଦ, କଣ୍ଟିଲୋ ଅଞ୍ଚଳର ପବିତ୍ର ସେଠୀଙ୍କଠାରୁ ୨୪ ଲିଟର, ବେଣାଗାଡ଼ିଆ ଶବରସାହିର ମଧୁସୁଦନ ସାହୁ(୪୮)ଙ୍କଠାରୁ ୧୫ ଲିଟର ଓ ଖଳିସାହି ତେଲି ସାହି ସନ୍ତୋଷ ବେହେରା(୫୫)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ଖଣ୍ଡପଡ଼ା ଅବକାରୀ ଥାନା ସୂତ୍ରରୁ ଜଣାପଡିଛି। ଚଢ଼ାଉ ଅଭିଯାନରେ ଅବକାରୀ ଥାନା ଅଧିକାରୀ ଦୀପକ କୁମାର ଜେନା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ମିତାରାଣୀ ନାୟକ, ଲକ୍ଷ୍ମୀଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଅଟୋ ଆସୋସିଏଶନର ବିରୋଧ

## ବ୍ରହ୍ମପୁର ରେଳଷ୍ଟେଶନରୁ ଯାତ୍ରୀ ନେଇଯାଉଛି ସରକାରୀ ବସ୍

ଛତ୍ରପୁର,୬।୧୨(ସନ୍ତୋଷ ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେଶନ ପରିସରକୁ ମୋ ବସ ଓ ସିଟି ବସ ଚଳାଚଳକୁ ସ୍ଥାନୀୟ ଅଟୋ ଆସୋସିଏଶନ ପକ୍ଷରୁ ବିରୋଧ ଜାରି ରହିଛି। ଷ୍ଟେଶନ ପରିସରକୁ ଏହି ସରକାରୀ ବସ ଯିବାଆସିବା ବନ୍ଦ କରିବାକୁ ଶୁକ୍ରବାର ଜିଲାପାଳଙ୍କୁ ଆସୋସିଏଶନ ପକ୍ଷରୁ ଅନୁରୋଧ କରାଯାଇଛି। ଉକ୍ତ ବସଗୁଡିକ ଷ୍ଟେଶନ ପରିସରକୁ ଗଲେ ଅଟୋ ଚାଳକମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏନେଇ ଜିଆରପିଏଫକୁ ଆସୋସିଏଶନ ପକ୍ଷରୁ ଜଣାଯାଇଥିଲା। ଅପରପକ୍ଷରେ ଅଟୋ ଚାଳକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି। ଆଗାମୀ ୫ ଦିନ ମଧ୍ୟରେ ଷ୍ଟେଶନ ପରିସରକୁ ମୋ ବସ ଓ ସିଟି ବସକୁ ଯିବାଆସିବା ବନ୍ଦ ନ ହେଲେ ଅଟୋ ଆସୋସିଏସନ ଧର୍ମଘଟ କରିବ ବୋଲି କହିଛି।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

## ମାଟିରେ ମିଶିଲା ୬ ଜଣଙ୍କ କୋଠା



ଦାରିଙ୍ଗବାଡ଼ି, ୬।୧୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ିଠାରେ ରହିଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗର ଜମିକୁ ୬ଜଣ ଦୀର୍ଘବର୍ଷ ଧରି ଜବରଦଖଲ କରି ରଖିଥିଲେ। ଏହାକୁ ଶୁକ୍ରବାର ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଶରତ ଶବର ଓ ପୋଲିସ ପ୍ରଶାସନ ମିଳିତ ଭାବରେ ଉଚ୍ଛେଦ କରିଛନ୍ତି। ସୂଚନାଯୋଗ୍ୟ, ବିଚାର ବିଭାଗର ନିଜର ଜମି ପ୍ରାୟ ୩ ଏକର ରହିଛି। ସେଠି ବିଚାର ବିଭାଗର କୋଠା ନିର୍ମାଣ କରାଯାଇ କୋର୍ଟ ଚାଲିଥିବା ବେଳେ କର୍ମଚାରୀ ଓ ବିଚାରପତିଙ୍କ ନିଜସ୍ୱ ବାସଭବନ ପାଇଁ ରହିଥିବା ଜମିରେ ଅନ୍ୟ ସାଧାରଣ ଲୋକ ଘର କରି ବସବାସ କରୁଥିଲେ। ପ୍ରାୟ ୨୫ ଡିସିମିଲି ଜମି ଲୋକଙ୍କ ଅକ୍ତିଆରରେ ରହିଥିଲା। ଏହାକୁ କୋର୍ଟ ନିଜ ହେପାଜତକୁ ଆଣିବାକୁ ତହସିଲକୁ ନିର୍ଦ୍ଦେଶ ଦେବା ପରେ ଜମି ଜବରଦଖଲକାରୀଙ୍କ ହାତରୁ ଆଣିବା ପାଇଁ ଆଇନଗତ ପ୍ରକ୍ରିୟା କରାଯିବା ସହ ସମସ୍ତ ପ୍ରସ୍ତୁତି ଶେଷ ପରେ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରିବାକୁ ପଦକ୍ଷେପ ନିଆଯାଇଥିବା ତହସିଲଦାର ଶରତ ଶବର ପ୍ରକାଶ କରିଛନ୍ତି।

# ରୋହଙ୍ଗିଆଙ୍କ ଅନୁପ୍ରବେଶ ହଟାଇବାକୁ ଦାବି

## ନଚେତ ଶାସ୍ତ୍ର ବଦଳରେ ଅସ୍ତ୍ର ଧରିବେ ସନ୍ଥ

ପାରଳାଖେମୁଣ୍ଡି,୬।୧୨(ଗିରିଧାରୀ ପରିଚ୍ଛା)



ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରର ପ୍ରତିବାଦରେ ବାହାରିଥିବା ଶୋଭାଯାତ୍ରା।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ମଠମନ୍ଦିର ଭଙ୍ଗାରୁଜାକୁ ବିରୋଧ କରାଯାଇଛି। ସର୍ବଭାରତୀୟ ହିନ୍ଦୁ ଜାଗରଣ ମଞ୍ଚର ଆହ୍ୱାନରେ ଏକ ବିକ୍ଷୋଭ ଶୋଭାଯାତ୍ରା ଶୁକ୍ରବାର ସହର ପରିକ୍ରମା କରିଛି। ଏହି ଶୋଭାଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ମଠମନ୍ଦିର ଭଙ୍ଗାରୁଜା ଘଟଣାରେ କେନ୍ଦ୍ର ସରକାର ହସ୍ତକ୍ଷେପ କରି ବାଂଲାଦେଶରେ ଥିବା ହିନ୍ଦୁଙ୍କ ଧନ ଜୀବନକୁ ସୁରକ୍ଷା ଦେବା, ହିନ୍ଦୁମାନଙ୍କ ସୁରକ୍ଷା ଲାଗି ଭାରତ ସରକାର ଆନ୍ତର୍ଜାତୀୟ ସ୍ତରରେ ସ୍ୱର ଉତ୍ତୋଳନ କରିବାକୁ ପ୍ରଦତ୍ତ ସ୍ମାରପତ୍ରରେ ଉଲ୍ଲେଖ କରି ସେମାନେ ଦାବି କରିଛନ୍ତି । ସେଠାରେ ଇସଲାମ ସମ୍ପ୍ରଦାୟର କୋଠରପନ୍ଥୀ ନେତା ଏବଂ ସ୍ଥାନୀୟ ସରକାରଙ୍କ ଚକ୍ରାନ୍ତ କରି ହିନ୍ଦୁ ସମାଜର ସୁରକ୍ଷା ଲାଗି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଇସକନ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେଇ ବନ୍ଦୀ କରି ରଖିଛନ୍ତି। ଭାରତରେ ବାଂଲାଦେଶୀ ରୋହଙ୍ଗିଆଙ୍କ ଅନୁପ୍ରବେଶରେ ରୋକ ଲଗାଇବା ସହ ଏହି ସମ୍ପ୍ରଦାୟର ଲୋକଙ୍କୁ ଚିହ୍ନଟ କରି ଭାରତରୁ ବିଦା କରାଯାଉ ବୋଲି କର୍ମକର୍ତ୍ତାମାନେ ଦାବି କରିଛନ୍ତି। ନଚେତ ହିନ୍ଦୁ ଧର୍ମର ସନ୍ଥ ଶାସ୍ତ୍ର ବଦଳରେ ଅସ୍ତ୍ର ଧରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଶୋଭାଯାତ୍ରା ହିନ୍ଦୁ ସୁରକ୍ଷା ମଞ୍ଚ ଆବାହକ ଚରଣ ସେନ ଦାସ, ସଂଯୋଜକ କୈଳାସ ଚନ୍ଦ୍ର ଗୌଡ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହରିହର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବ୍ୟାୟାମ କେନ୍ଦ୍ର



ଗଞ୍ଜାମ,୬।୧୨(ବିଦ୍ୟାଧର ସାହୁ)

ସ୍ଥାନୀୟ ଅଞ୍ଚଳବାସୀଙ୍କ ଶରୀର ସୁସ୍ଥ ଓ ସବଳ ରଖିବା ଲାଗି ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ତତ୍କାଳୀନ ସରକାରଙ୍କ ପକ୍ଷରୁ ବ୍ୟାୟାମ କେନ୍ଦ୍ର ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଏହି କେନ୍ଦ୍ର ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଦେଖାଯାଇଛି। ସେଠାରେ ମାଳମାଳ ମଦ ଓ ପାଣି ବୋତଲ, ହାଡ଼ ଆଦି ପଡ଼ି ରହୁଛି। ଏନଏସି ପ୍ରଶାସନର ବେପରୁଆ ନୀତି ଏବଂ ଦୂରଦୃଷ୍ଟି ଅଭାବରୁ ତାହା ଠିକ ଭାବେ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଲକ୍ଷାଧିକ ଟଙ୍କାର ବ୍ୟାୟମ ଉପକରଣ ଭାଙ୍ଗିରୁଜି ଗଲାଣି। ଯାହା ଆଉ ବ୍ୟବହାର ଯୋଗ୍ୟ ନୁହେଁ । ସହରରେ ଏମିତି ଅନେକ ପ୍ରକଳ୍ପ ବ୍ୟବହାର ପୂର୍ବରୁ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପିସି କାରବାର ଜୋର ସୋରରେ ଚାଲିଥିବା ଯୋଗୁଁ ଠିକାଦାର ନିମ୍ନମାନର କାମ କରି ଫାଇଦା ଉଠାଉଛନ୍ତି। ସେହିପରି ବ୍ୟାୟାମ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ମାସ ମାସ ଧରି ପଡିରହୁଛି। ପରିବେଶ ଦୂଷିତ ସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏଥିପାଇଁ ଲୋକେ ବ୍ୟାୟାମ କରିବାକୁ ନ ଆସି ମୁହଁ ଫେରାଉଛନ୍ତି। ରାତିରେ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ଗୃହରକ୍ଷୀ ସର୍ବଦା ଉତ୍ତମ ସେବା ଯୋଗାଇଥାନ୍ତି'

ପାରଳାଖେମୁଣ୍ଡି/ ଛତ୍ରପୁର, ୬।୧୨ (ଗିରିଧାରୀ ପରିଚ୍ଛା/ ସନ୍ତୋଷ ପାଢୀ/ ଦିଲୀପ ସାମଲ)

ପାରଳାଖେମୁଣ୍ଡି ନିକଟସ୍ଥ ବେତାଗୁଡାସ୍ଥିତ ଗଜପତି ଜିଲା ସରଂକ୍ଷିତ ସଶସ୍ତ୍ର ଆରକ୍ଷୀ କାର୍ଯ୍ୟାଳୟ ପରିସରସ୍ଥ ରିଜର୍ଭ ପୋଲିସ ପଡିଆ ଠାରେ ଜିଲାସ୍ତରୀୟ ୬୨ ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଏସ୍‌ପି ଯତୀନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। କର୍ତ୍ତବ୍ୟ ସମୟରେ ମୃତ୍ୟୁବରଣ କରିଥିବା ଗୃହରକ୍ଷୀମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ଗୃହରକ୍ଷୀମାନେ ସବୁବେଳେ ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ନିୟନ୍ତ୍ରଣ, ବିଭିନ୍ନ ବିପର୍ଯ୍ୟୟ ଓ ଦୁର୍ଘଟଣା ସମୟରେ ଜନସାଧାରଣଙ୍କୁ ନିଷ୍ଠାର ସହ ଉତ୍ତମ ସେବା ଯୋଗାଇଥାନ୍ତି। ସେମାନେ ଏପରି ସବୁବେଳେ ଉଚ୍ଚକୋଟୀର ସେବା ଯୋଗାଇବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ପରେ ଏହି ଅବସରରେ ରାଷ୍ଟ୍ରପତିଙ୍କ ବାର୍ତ୍ତା ପଠନ କରାଯାଇଥିଲା। ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନା କରି ଚାକିରିରୁ ଅବସର ନେଇଥିବା ପାରଳାଖେମୁଣ୍ଡି ଥାନାର ବିଭିନ୍ନ ହୋମ ଗାର୍ଡଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୨୭ ଜଣ ଗୃହରକ୍ଷୀଙ୍କୁ ମାନପତ୍ର ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର ପରେଡ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,ଏସ୍‌ଡିପିଓ ମାଧବାନନ୍ଦ ନାୟକ, ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସହ ଜିଲାର ସବୁ ଥାନାର ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ପୋଲିସ ରିଜର୍ଭ ପଡିଆରେ ୬୨ ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ଡଆଇଜି ଡ. ସିଦ୍ଧାର୍ଥ ଷଡ଼ଙ୍ଗୀ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଗୃହରକ୍ଷୀବାହିନୀ ସର୍ବଦା ପୋଲିସକୁ ସହଯୋଗ କରିବା ସହ ଦୁର୍ବିପାକ ସମୟରେ ନିଷ୍ଠାପର ଭାବେ ସେବା ଯୋଗାଉଛନ୍ତି ବୋଲି ପ୍ରକାଶ କରି ସେମାନଙ୍କ କର୍ତ୍ତବ୍ୟ ପରାୟଣତାର ପ୍ରଶଂସା କରିଥିଲେ। ଏହି ଅବସରରେ ଡିଆଇଜି ଷଡଙ୍ଗୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରିଥିଲେ। ଗଞ୍ଜାମ ପୋଲିସ ଜିଲାରେ ଉତ୍ତମ କାର୍ଯ୍ୟ କରିଥିବା ୬ ଜଣ ଗୃହରକ୍ଷୀଙ୍କୁ ସମ୍ମାନିତ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କେସି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩ ପ୍ଲାଟୁନ ହୋମଗାର୍ଡ ବାହିନୀ ପରେଡରେ ଅଂଶଗ୍ରହଣ କରିଥିଲେ। ପରେଡ କମାଣ୍ଡାଣ୍ଟ ପର୍ଶୁରାମ ରେଡ୍ଡୀ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନବିଶ ଆଇପିଏସ ଏସ ମୀନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ୍ ପୃଷ୍ଟି, ରାଜୀବ ଲୋଚନ ପଣ୍ଡା, ରଞ୍ଜନ ଦେ, ଏସ୍‌ଡିପିଓ ଗୌରହରି ସାହୁ, ଆରଆଇ ଅମୂଲ୍ୟ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଛତ୍ରପୁରରେ ଗୃହରକ୍ଷୀଙ୍କୁ ସମ୍ମାନିତ କରାଯାଉଛି।

